ଧରିତ୍ରୀ
DHARITRI
ମଙ୍ଗଳବାର, ୧୪ ସେପ୍ଟେମ୍ବର ୨୦୨୧



### ହାତୀପଲ ଉଜାଡ଼ିଲେ ଫସଲ

ପାଟଣା, (ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଗୋରାଣ୍ଡି ଯୋଡ଼ି ବିଟ୍‌ରେ ୯ ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ବୁଢ଼ାବଣ ଗାଁରେ ଶନିବାର ରାତିରେ ଏହି ହାତୀ ପଶି ବୋଇତାଳୁ ବଗିଚା ଶହ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ଉକ୍ତ ହାତୀପଲରେ ୨ ଦନ୍ତା, ୨ ଛୁଆ ଓ ୫ ମାଈ ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ହାତୀ ପଲ ମୟୂରଭଞ୍ଜ ଜିଲା କରଞ୍ଜିଆ ରେଞ୍ଜ୍ ସିଙ୍ଗଡା ରିଜର୍ଭ ଫରେଷ୍ଟରେ ରହିଥିବା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ତେଲକୋଇ ବ୍ଲକ ସମସ୍ୟା ନେଇ ମନ୍ତ୍ରୀଙ୍କ ସହ ଆଲୋଚନା

ତେଲକୋଇ,୧୩।୯ (ଡି.ଏନ.ଏ)- ତେଲକୋଇ ବ୍ଲକର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରେମାନନ୍ଦ ନାଏକଙ୍କ ସହ ଖବରଦାତାମାନେ ଆଲୋଚନା କରିଛନ୍ତି। ସଂଘର ସାଧାରଣ ସମ୍ପାଦକ ଅନୁକୂଳ ବିଶାଳ,ସଭ୍ୟ ଡିଲେଶର ସାହୁ ଭୁବନେଶରସ୍ଥିତ ବାସଭବନରେ ମନ୍ତ୍ରୀଙ୍କୁ ଭେଟିଥିଲେ। ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସମାଧାନ, ରାସ୍ତା ନିର୍ମାଣରେ ଅବ୍ୟବସ୍ଥା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ,ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

### ମୃତ ଅଭିଷେକଙ୍କ ଘରେ ପହଞ୍ଚିଲେ ବିଧାୟକ

ବାସୁଦବପୁର, ୧୩।୯(ଡି.ଏନ.ଏ.)- କରୋନାରେ ଆକ୍ରାନ୍ତ ହୋଇ ୩ମାସ ଧରି ଇକ୍‌ମୋ ଚିକିତ୍ସା ସତ୍ତ୍ୱେ ପ୍ରାଣ ହରାଇଥିବା ଭଦ୍ରକ ଜିଲା ବାସୁଦେବପୁର ମଦାରୀ ଅଞ୍ଚଳର ଯୁବ ଇଂ. ଅଭିଷେକ ମହାପାତ୍ରଙ୍କ ଘରେ ସୋମବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପହଞ୍ଚିଥିଲେ। ସେ ଅଭିଷେକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ନଗର ବିଜେଡି ସଭାପତି ମାନସ ରଞ୍ଜନ ସାହୁ, ଛାତ୍ର ସଭାପତି କାଳନ୍ଦୀ ସାହୁ, ଯୁବନେତା ସମ୍ବିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ଖୁଣ୍ଟା/କୁଆମରା,୧୩।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥରେ ସୋମବାର ରାସ୍ତା ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟିଟିଆ ଗ୍ରାମର ରଜନୀ ମାଝି (୪୫)। ଖୁଣ୍ଟାରେ କାମ ସାରି ପୁଅ ସହ ସ୍କୁଟିରେ ବସି ଅପରାହ୍ନ ୨ଟାରେ ଘରକୁ ଫେରୁଥିବା ବେଳେ ବାଲିମୁଣ୍ଡଲୀ ଓ ଟିଟିଆ ଛକର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ଅଟୋ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ମା' ପୁଅଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ସେଠାରେ ରଜନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବର୍ଷାଜଳ ନିଷ୍କାସନ କରାଇଲେ ଅଧିକାରୀ

ବନ୍ତ,୧୩।୯(ଡି.ଏନ.ଏ.) ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂ ଅନୁସୂଚିତ ଜାତି ସାହି ସ୍ଥିତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଛିଡ଼ା ହୋଇଥିଲା। ଫଳରେ ସାହି ଲୋକେ ଘରୁ ବାହାରି ପାରୁ ନ ଥିଲେ। ଏନେଇ ସେମାନେ ବିଡିଓ ଏବଂ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିବା ପରେ ସୋମବାର ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଓ ଅମିନ ତାପସ ଜେନା ପରିଦର୍ଶନ କରି ଜଳ ନିଷ୍କାସନ ବ୍ୟବସ୍ଥା କରାଇଛନ୍ତି। ଉଲ୍ଲେଖ ଯେ, ଏହି ସାହିରେ ୪୦ ପରିବାରର ଦେଢ଼ ଶହ ଲୋକ ବସବାସ କରନ୍ତି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ରାସ୍ତାରେ ପାଣି ଜମି ରହିବା ଫଳରେ ଯାତାୟାତରେ ଅସୁବିଧା ହେବା ସହ ବିଭିନ୍ନ ରୋଗ ସୃଷ୍ଟି ହେବାର ଆଶଙ୍କା ରହିଛି। ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଇବାକୁ ସାହିଲୋକେ ଦାବି କରିଛନ୍ତି।

# ପାଣି ଘେରରେ ସାହି ବସ୍ତି, ବିଲବାଡ଼ି

କେନ୍ଦୁଝର,୧୩।୯(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲାରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡ଼ିଛି। ଜିଲା ମୁଖ୍ୟାଳୟ ସମେତ ବିଭିନ୍ନ ଗ୍ରାମ ଓ ସାହି ବସ୍ତିରେ ପାଣି ଜମି ରହିବା ସହ ବିଲବାଡ଼ି ଜଳାର୍ଣ୍ଣବ ହୋଇପଡ଼ିଛି। ନଦୀନାଳରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଅନେକ ପାହାଡ଼ିଆ ଅଞ୍ଚଳର ରାସ୍ତାଘାଟରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହାତ ହୋଇଛି। ଏଭଳି ବର୍ଷା ଲାଗି ରହିଲେ ପରିସ୍ଥିତି ସଂଗୀନ ହୋଇ ପଡ଼ିବା ଆଶଙ୍କା କରି ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଜିଲା ମୁଖ୍ୟାଳୟରେ ରବିବାର ସକାଳ ୮.୩୦ରୁ ସୋମବାର ସକାଳ ୮.୩୦ ପର୍ଯ୍ୟନ୍ତ ୪୯.୦ ମି.ମି. ଓ ସୋମବାର ସକାଳ ୮.୩୦ ରୁ ସନ୍ଧ୍ୟା ୬ଟା ପାର୍ଯ୍ୟନ୍ତ ୧୮.୭ ମି.ମି. ବର୍ଷା ହୋଇଛି। ସହରର ରାସ୍ତାଘାଟ, ବିଭିନ୍ନ ୱାର୍ଡରେ ପାଣି ଜମି ରହିଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଅନେକ ସ୍ଥାନରେ ଯାତାୟାତ ବ୍ୟାହାତ ହୋଇଛି। ଜଗନ୍ନାଥପୁର ସାହି, ବଳଦେବଜୀଉ କଲୋନୀ, ବଡ଼ହଳ, କାଶୀପୁର, ଢାଙ୍ଗରପଡ଼ା ଆଦି ଅଞ୍ଚଳରେ ପାଣି ନିଷ୍କାସିତ ହୋଇ ନ ପାରୁ ନାହିଁ। ଅନେକ ଅଞ୍ଚଳରେ ବାହାର ମଇଳା ପାଣି ଘର ଭିତରେ ଲହଡ଼ି ମାରୁଛି। ଜିଲାର ବିଭିନ୍ନ ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଲାଗି ରହିଛି। ଅନ୍ୟପକ୍ଷରେ ଜିଲାପାଳ ଆଶୀଷ ଠାକରେ ଭିଡିଓ କନଫରେନ୍ସି ଜରିଆରେ ସମ୍ଭାବ୍ୟ କ୍ଷୟକ୍ଷତି ଓ ବନ୍ୟା ପରିସ୍ଥିତିକୁ ନେଇ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ବିଶେଷ କରି ବୈତରଣୀ ନଦୀର ଜଳପ୍ରବାହ ଉପରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ନଜର ରଖିଥିବା ସୂଚନା ଦେଇଛି।



ସହରର ଏକ ସାହି ରାସ୍ତାରେ ଜମି ରହିଥିବା ବର୍ଷା ପାଣି।

# କେନ୍ଦୁଝରରେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଘଟଗାଁ ତାରିଣୀ ପୀଠରେ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦୁଝର/ଘଟଗାଁ/ ପାଟଣା/ ଯୋଡ଼ା, ୧୩।୯(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦୁଇଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାଜପା ପକ୍ଷରୁ କେନ୍ଦୁଝର ସର୍କିଟ ହାଉସଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୋମବାର ସକାଳେ ଭାଜପା ନେତା ଓ କର୍ମୀଙ୍କ ଗହଣରେ ପୁରୁଣାବଜାରସ୍ଥିତ ଶ୍ରୀ ବଳଦେବଜୀଉ ଓ ଡେଲି ମାର୍କେଟ ସ୍ଥିତ ରାସ ମନ୍ଦିରରେ ରାଧାଗୋବିନ୍ଦଙ୍କ ଦର୍ଶନ କରିଥିଲେ। ପରେ ଜାମୁହତା ନିକଟସ୍ଥ ବନବାସୀ କଲ୍ୟାଣ ଆଶ୍ରମକୁ ଯାଇ ଆଲୋଚନା କରିଥିଲେ। ସିଟିଜେନ ଫୋରମ, ରୋଟାରି କ୍ଲବ, ମିଳିତ କ୍ରିୟାନୁଷ୍ଠାନ କମିଟି ଆଦି ସଂଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବହୁ ପ୍ରତିକ୍ଷିତ କାନପୁର ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ, ଆଦିବାସୀ ଅଧ୍ୟୁଷିତ ଜିଲାର ବିକାଶ ଆଦି ବିଷୟରେ ଆଲୋଚନା କରିଥିଲେ। ସଦର ବିଧାୟକ ମୋହନ ଚରଣ ମାଝି, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ସତ୍ୟବ୍ରତ ପଣ୍ଡା, ମମିତା ନାୟକ, ଜିଲା ଭାଜପା ସମ୍ପାଦକ ଶିବକୁମାର ରାଠୋର, ହେମରଞ୍ଜନ ବାରିକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କୌଳାଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଗୋପିନାଥ ରାମ ଏବଂ ଅନ୍ୟ ବୁଦ୍ଧିଜୀବୀ ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉଚ୍ଚବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଟୁଡୁ ଭାଜପା ଜିଲା କାର୍ଯ୍ୟାଳୟକୁ ଯାଇ ଆଦିବାସୀ ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ। ସପରିବାର ଘଟଗାଁ ପୀଠରେ ପହଞ୍ଚି ମା' ତାରିଣୀଙ୍କ ଦର୍ଶନ କରିଥିଲେ। ପରେ ଭାଜପା ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଣ୍ଡଳ ସଭାପତି ଗୋଲକ ବଳ, ଜିତେନ୍ଦ୍ର ପଲେଇ, ମୁରଲୀଧର ମହାନ୍ତ, ପୃଥୀରାଜ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ସଦସ୍ୟ ଆନନ୍ଦଚନ୍ଦ୍ର ସିଂହ, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ, ନିର୍ମଳ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକଙ୍କ ସମେତ ମନ୍ଦିର କର୍ମଚାରୀ ଉପସ୍ଥିତ ଥିଲେ। ରାଜ୍ୟ କୁଡୁମୀ ସେନା ପକ୍ଷରୁ ପ୍ରତିନିଧିମାନେ କେନ୍ଦୁଝର ସର୍କିଟ ହାଉସ୍‌ଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପସଭାପତି ମିତ୍ରଭାନୁ ମହାନ୍ତ, କୋଷାଧ୍ୟକ୍ଷ ତଥା ଗଣମାଧ୍ୟମ ମୁଖପାତ୍ର ଲମ୍ବୋଦର ମହାନ୍ତ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ, ଅଶୋକ ମହାନ୍ତ, ଜିଲା ସାଧାରଣ ସମ୍ପାଦକ ତ୍ରିନାଥ ମହାନ୍ତ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ। ଯୋଡ଼ାରେ ସୁପରସ୍ପେଶାଲିଟି ହସ୍ପିଟାଲ ଓ ନର୍ସିଂସ୍କୁଲ ସ୍ଥାପନ ପାଇଁ ନଗର ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଯୋଡ଼ା ନଗର ଭାଜପା ସଭାପତି ସୁଶାନ୍ତ ବେବର୍ତ୍ତା, ଉପସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ସମ୍ପାଦକ ଅନନ୍ତ ପ୍ରକାଶ ଟୁଡୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଟିକା ପାଇଁ ବର୍ଷାରେ ଭିଜିଲେ

ଭଦ୍ରକ ଅଫିସ, ୧୩।୯

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବେତଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ୩୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କୋଭିଡ୍ ଟିକା ନେବା ପାଇଁ ଲମ୍ବାଧାଡ଼ିରେ ଛିଡ଼ା ହୋଇ ବର୍ଷାରେ ଭିଜିଛନ୍ତି। ପ୍ରକାଶ ଯେ, ଏଠାରେ ଟିକାକରଣ ପାଇଁ ୩୫୦ ଜଣଙ୍କ ନାମ ଅନ୍‌ଲାଇନ ପଞ୍ଜୀକରଣ ହୋଇଥିଲା। ବ୍ଲକର ପଦ୍ମପୁର, ଏଡ଼ତାଳ, ସୁଗୋ, ଲୁଙ୍ଗା, ଜଗନ୍ନାଥପ୍ରସାଦ, ବିଦେଇପୁର, ସାନକୃଷ୍ଣପୁର, ବେତଡ଼ା, ବରଣ୍ଡୁଆ ଓ ବାସୁଦେବପୁର ଅଞ୍ଚଳର ଲୋକେ ଟିକା ନେବା ପାଇଁ ସକାଳ ୮ଟାରୁ କେନ୍ଦ୍ରକୁ ଆସିଥିଲେ। କିନ୍ତୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଟିକା ପହଞ୍ଚି ପାରି ନ ଥିଲା। ଫଳରେ ସେମାନେ ୩ଘଣ୍ଟା ଧରି ଲଘୁଚାପ ବର୍ଷାରେ ଭିଜି ହୋହଲ୍ଲା କରିଥିଲେ। ଅଧିକାରୀମାନଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗାଯୋଗ କରିବା ପରେ ଟିକାକରଣ ଆରମ୍ଭ ହୋଇଥିଲା।



ବେତଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାଡ଼ିରେ ଠିଆ ହୋଇଛନ୍ତି ଲୋକେ।

# ବଢୁଛି ଜଳସ୍ତର



ଭଣ୍ଡାରିପୋଖରୀ, ୧୩।୯(ଡି.ଏନ.ଏ)

ଗତ ତିନିଦିନ ଧରି ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ବୈତରଣୀ ଉପରମୁଣ୍ଡରେ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ସୋମବାର ରାତି ୧୦ଟା ସୁଦ୍ଧା ଜଳସ୍ତର ୧୭.୩୩ ମିଟରରେ ପ୍ରବାହିତ ହେଉଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ବୈତରଣୀ ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ, ଚମ୍ପୁଆରେ ୪୩.୦୮ ମି.ମି., କେନ୍ଦୁଝରରେ ୫୧.୦୮, ଠାକୁରମୁଣ୍ଡାରେ ୧୦.୦୦, ଆନନ୍ଦପୁରରେ ୩୨.୦୮, ସ୍ୱାମପାଟଣାରେ ୧୮.୦୮ ଓ ଆଖୁଆପଦାରେ ୮୯.୦୪ ମି.ମି. ବର୍ଷା ହୋଇଛି। ତେବେ ନଦୀର ଜଳସ୍ତର ବୃଦ୍ଧି ପାଇ ବିଳମ୍ବିତ ରାତିରେ ବିପଦ ସଙ୍କେତ ପାଖାପାଖି ଯାଇପାରେ ବୋଲି ଆଖୁଆପଦା ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ଅନୁମାନ କରାଯାଉଛି।

# ତାମିଲନାଡୁରେ ଯୁବକଙ୍କୁ ହତ୍ୟା ଅଭିଯୋଗ

ଭଦ୍ରକ ଅଫିସ,୧୩।୯

**ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଲଣା ଲଞ୍ଜାତାରା ଗ୍ରାମର ଅମର ମଳିକ ନାମକ ଯୁବକଙ୍କୁ ତାମିଲନାଡୁରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ସେଠାକାର ପୋଲିସକୁ ହାତ କରି ଘଟଣାକୁ ଏଡ଼ାଇ ଦେବା ଲାଗି ଏକ ଅପମୃତ୍ୟୁ ମାମଲା ରୂପ ଦେଇଥିବା ନେଇ ମୃତ ଅମରଙ୍କ ପରିବାର ପକ୍ଷରୁ ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ପରିବାର ଲୋକେ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଅମରଙ୍କ ମୃତ୍ୟୁ ଘଟଣାର ଠିକ୍ ଭାବେ ତଦନ୍ତ ପାଇଁ ଦାବି କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମୃତକଙ୍କ ପରିବାର ପକ୍ଷରୁ ତିହିଡ଼ି ଥାନାରେ ଏକ ଏତଲା ଦାଏର ହୋଇଥିବା ଜଣାଯାଇଛି। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଅମର ଅଢ଼େଇ ବର୍ଷ ହେଲା ତାମିଲନାଡୁ ସତ୍ୟନଗର ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ କାମ କରୁଥିବା ଏହି ଅଞ୍ଚଳର ଦୁଇ ଯୁବକଙ୍କ ସହ ଟଙ୍କା ନେଣଦେଣ ଏବଂ ଏକ ପ୍ରେମ ବ୍ୟାପାରକୁ ନେଇ ବିବାଦ ରହିଥିଲା। ହଠାତ୍ ଗତ ୯ ତାରିଖରେ ଅମରଙ୍କ ଶୋଇବା ଘର ବାହାର ପଟୁ ତାଲା ପଡ଼ିଥିବା ଦେଖି ଘର ମାଲିକ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ତାଲା ଭାଙ୍ଗିବା ପରେ ଅମରଙ୍କ ବେକରେ ରଶି ଲାଗିଥିବା ଏବଂ ତଳେ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ମୃତ୍ୟୁ ହୋଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ ଅମରଙ୍କ ଭାଇ ଶ୍ରୀକାନ୍ତ ଏତଲାରେ ଉଲ୍ଲେଖ କରିଛନ୍ତି। ଆଇଆଇସି ତପନ କୁମାର ପ୍ରଧାନଙ୍କୁ ପଚାରିବାରୁ ଏହି ଅଭିଯୋଗ ନେଇ ସେଠାକାର ଥାନା ସହ ଯୋଗାଯୋଗ ହୋଇଥିବା କହିଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଚିତ୍ରଡ଼ା,୧୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ମାକୁନ୍ଦ ଗାଁ ମାଝି ସାହିର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର କମଳାକାନ୍ତ ସିଂଙ୍କ ଝିଅ କଣ୍ଠେଇ। ରବିବାର ରାତିରେ ସେ ଘରେ ଖାଇ ପିଇ ଶୋଇଥିଲେ। ସୋମବାର ସକାଳେ ତାଙ୍କ ମୃତଦେହ ଜଙ୍ଗଲ ଭିତରେ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ଜବରଦଖଲ ଉଚ୍ଛେଦ

ଚମ୍ପୁଆ, ୧୩।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ପ୍ରଶାସନ ପକ୍ଷରୁ ସୋମବାର ଜଜପଶି, ସଡଙ୍ଗି, ରଙ୍ଗାମାଟିଆ ସହ ଆର୍‌ଆଇ ସର୍କଲର ଜ୍ୟୋତିପୁର ଓ ଭଣ୍ଡା ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଉପଜିଲାପାଳ ପ୍ରତାପ ପ୍ରୀତିମୟ, ସହକାରୀ ଜିଲାପାଳ ଚାରୁଲତା ସିଂ, ଏସ୍‌ଡିପିଓ ରାମରାୟ ମୁର୍ମୁ, ତହସିଲଦାର ସାଇସସ୍ମିତା ହୋତା, ବାରିଆ ଓ ଚମ୍ପୁଆ ଥାନାଧିକାରୀ, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜରଙ୍କ ଉପସ୍ଥିତିରେ ଜବରଦଖଲ ହଟାଯାଇଥିଲା। ୧ ପ୍ଲାଟୁନ୍ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ସରକାରୀ ଜମି ଜବରଦଖଲକାରୀଙ୍କୁ ପୂର୍ବରୁ ନୋଟିସ କରାଯାଇଥିଲା। ଅଧିକାରୀମାନଙ୍କ ଉପସ୍ଥିତିରେ ନିର୍ମାଣାଧୀନ ଗୃହ ଭଙ୍ଗାଯାଇଛି।


**GOVERNMENT OF ODISHA** No.A-446
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com FAX/TEL: 06792-295472

**"E" PROCUREMENT NOTICE NO. 02MBJ/2021-22.**

| | | |
|---|---|---|
| 1. Name of works | : | Bank protection works, canal and road works as mentioned in the website. |
| 2. Total no. of works | : | 10 (Ten) nos. of work. |
| 3. Estimated cost | : | Varies from 7.96 lakhs to 32.70 lakhs |
| 4. Class of Contractor | : | 'D' & 'C' and 'C' & 'B' |
| 5. Period of completion | : | As mentioned against work. |
| 6. Other details as follows : | | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **15.09.2021 from 10.00 Hours to 29.09.2021 up to 17.00 Hours.** |
| (iii) Date, time and place of opening of Bid. | : | **On 30.09.2021 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 05.10.2021 at 11.00 AM.** |
| 7. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Superintending Engineer, Mayurbhanj Irrigation Division, Baripada**
OIPR-32158/11/0006/2122


# କାର୍ ଧକ୍କାରେ ଖବରକାଗଜ ବିତରକଙ୍କ ମୃତ୍ୟୁ

ଭଦ୍ରକ ଅଫିସ,୧୩।୯

ଭଦ୍ରକ ବାଇପାସ୍ ଡାହାଣୀଗଡ଼ିଆ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ କାର୍ ଧକ୍କାରେ ଜଣେ ଯୁବ ଖବରକାଗଜ ବିତରକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ବ୍ଲକ ଅଧୀନ ଗେଲଟୁଆ ପଞ୍ଚାୟତ କୁଆପଦା ଗ୍ରାମର ସନାତନ ଚିନ୍ନାରା(୪୦)। ସୂଚନା ଅନୁଯାୟୀ, ସନାତନ ସକାଳେ ନ୍ୟୁଜ୍ ଏଜେନ୍ସି ନଲେଜ ସେଣ୍ଟରରୁ କାମ ସାରି ଖବରକାଗଜ ନେଇ ଯାଉଥିବା ବେଳେ ଡାହାଣୀଗଡ଼ିଆ ରାସ୍ତାରେ ତାଙ୍କୁ ପଛରୁ କାର୍‌ଟି ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରିଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା।



ସନାତନ ଚିନ୍ନାରା।

ଖବର ପାଇ ନଲେଜ ସେଣ୍ଟର ପରିବାରର ସମସ୍ତ ସଦସ୍ୟ, ଖବରକାଗଜ ବିତରକ, ଖବରଦାତା ଓ ଗେଲଟୁଆ ସରପଞ୍ଚ ଜିଲା ଚିକିତ୍ସାଳୟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସହରାଞ୍ଚଳ ପୋଲିସ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅପରାହ୍ନରେ ଗ୍ରାମ କୁଆପଦାଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦାବି

ବାରିପଦା ଅଫିସ,୧୩।୯

ସାମାଜିକ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗର ଛାତ୍ରୀଛାତ୍ରମାନଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିବା ପାଇଁ ବାରିପଦାଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ପଛୁଆବର୍ଗ ଜନଜାତି ସଭାପତି ବ୍ରଜମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପଛୁଆବର୍ଗ ଜନଜାତି ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ। ଦେଶର ଅଧିକାଂଶ ରାଜ୍ୟ ପଛୁଆବର୍ଗଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରିଥିବା ବେଳେ ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ସେ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ରାଜ୍ୟ ସଂଯୋଜକ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ଜ୍ଞାନେନ୍ଦ୍ର ସ୍ୱାଇଁ, ଦୁର୍ଗା ପ୍ରଶନ୍ନ ନାୟକ, ସୌଭାଗ୍ୟ ସାହୁ, ସଂଗ୍ରାମ କେଶରୀ ନାୟକ, ଇଂ.ବିଜୟ ଦାସ, ଶୁଭାଶିଷ ମହାନ୍ତି, ପ୍ରବୀନ କୁମାର ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ପଛୁଆବର୍ଗର ଜନଜାତିଙ୍କ ପ୍ରତି ହେଉଥିବା ବିଭିନ୍ନ ଅବହେଳା ସମ୍ପର୍କରେ ଆଲୋଚନା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଭାଜପା ନେତା।


**ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ପତ୍ର ସଂଖ୍ୟା: ୪୮୨୪** **ତା: ୦୯।୦୯।୨୦୨୧**

**No. C-947:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ. ୦୮ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ରୁ ୫) ଦୋକାନ ଗୃହଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରିପାରିବେ। ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମା ଦେବେ। ତା୨୨।୦୯।୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ। ତା୨୨।୦୯।୨୦୧୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ। ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ନଂ. | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୭'x୬' ଷ୍ଟଲ ନଂ.୧ରୁ ୫ (୫ ଗୋଟି) | ଟ.୧୦୦୦୦ | ଟ.୫୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ।
୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।
୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ।
୪. ଯେଉଁ ବ୍ୟକ୍ତିମାନେ Street Vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକାଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରି ନ ଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ।
୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ।
୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ।
୭. ଗଠନ ହୋଇଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।

OIPR-13098/11/0004/2122 **ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ**

